୧

# DAV PUBLIC SCHOOLS, BHUBANESWAR
## ASSESSMENT -II 2017-18
## CLASS - IV
## SUB - ODIA

**TIME- 2hrs** **Maximum Marks -50**

ସାଧାରଣ ନିର୍ଦ୍ଦେଶାବଳୀ:

କ) ପ୍ରଶ୍ନ ପତ୍ରଟିକୁ ଭଲଭାବରେ ମନ ଦେଇ ପଢ଼ ।

ଖ) ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।

ଗ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିବା ପରେ ଗୋଟିଏ ଧାଡ଼ି ଛାଡ଼ି ଅନ୍ୟ ଉତ୍ତରଟି ଲେଖ ।

ଘ) ପ୍ରଶ୍ନ ପତ୍ରରେ ୪ଟି ବିଭାଗ ଓ ୫ଟି ପ୍ରଶ୍ନ ଅଛି ।

### 'କ' ବିଭାଗ

୧. ନିମ୍ନ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (୧×୫=୫)

ଅନେକ ଦିନ ତଳର କଥା । ଅବନ୍ତୀ ଦେଶରେ ଜଣେ ସୌଦାଗର ଥିଲା । ସେ ଅନ୍ୟ ଦେଶକୁ ଯାଇ ବେପାର ବଣିଜ କରି ନିଜ ଦେଶକୁ ବହୁ ଧନରତ୍ନ ବୋହି ଆଣୁଥିଲା । ଦିନକର କଥା, ସୌଦାଗର ସମୁଦ୍ରରେ ନୌକା ବାହି ଦୂର ଦେଶକୁ ଗଲାବେଳେ ହଠାତ୍ ଗୋଟିଏ ଚିକ୍‌ମିକ୍ ମାଛ ତା' ନୌକାରେ ଛିଟିକି ପଡ଼ି ଛଟପଟ ହେଲା । ମାଛ ଛଟପଟ ହେଉଥିବା ଦେଖି ସୌଦାଗର ତାକୁ ହାତରେ ଧରି ସ୍ନେହରେ ଆଉଁସି ଦେଲା ଓ ପୁଣି ସମୁଦ୍ରରେ ଛାଡ଼ିଦେଲା । ମାଛଟି ଗୋଟିଏ ସାଧାରଣ ମାଛ ନଥିଲା । ସେ ଥିଲା ଗୋଟିଏ ମତ୍ସ୍ୟକନ୍ୟା । ପାଣିକୁ ଯିବା ମାତ୍ରେ ସେ ତା'ର ଅସଲ ରୂପ ଧାରଣ କଲା । ସୌଦାଗର ଦେଖିଲା ମାଛଟିର ଅଣ୍ଟାଠାରୁ ଉପରକୁ ଗୋଟିଏ ସୁନ୍ଦର ଝିଅ ଓ ଅଣ୍ଟାର ତଳକୁ ଗୋଟିଏ ମାଛର ଶରୀର । ମତ୍ସ୍ୟକନ୍ୟାର ସୁନ୍ଦର ରୂପ ଦେଖି ସୌଦାଗର ଭାରି ଖୁସି ହେଲା ଓ ତା'ପାଖରେ ରହିବାକୁ ଅନୁରୋଧ କଲା । ମତ୍ସ୍ୟକନ୍ୟା ସୌଦାଗରକୁ ଗୋଟିଏ କୁହୁକ ମୁଦି ଦେଇ କହିଲା, ସେ ପାଣିର ଜୀବ, ପାଣିରେ ରହିବ ; କିନ୍ତୁ ଯେତେବେଳେ ସମୁଦ୍ରକୁ ଆସିବ, ସେତେବେଳେ କୁହୁକ ମୁଦି ଘଷିବ, ସେ ତାକୁ ଦେଖାଦେବ । ଏତିକି କହି ମତ୍ସ୍ୟକନ୍ୟା ପାଣିରେ ଅଦୃଶ୍ୟ ହୋଇଗଲା ।

ପ୍ରଶ୍ନ:-

କ) ସୌଦାଗର କେଉଁ ଦେଶକୁ ବେପାର କରିବାକୁ ଯାଉଥିଲା ?

ଖ) ମତ୍ସ୍ୟକନ୍ୟାର ସୁନ୍ଦର ରୂପ ଦେଖି ସେ କ'ଣ କଲା ?

ଗ) ମାଛଟିର ଅସଲ ରୂପ କ'ଣ ଥିଲା ?

ଘ) ସୌଦାଗର________ଦେଶରେ ରହୁଥିଲା ।

(ମଗଧ, କୋଶଳ, ଅବନ୍ତୀ, କର୍ଣ୍ଣାଟକ)

ଙ) ମତ୍ସ୍ୟକନ୍ୟା ସୌଦାଗରକୁ________ଦେଲା ।

(କୁହୁକଦଣ୍ଡ, କୁହୁକ ମୁଦି, ରୂପା ମୁଦି, ହୀରା ମୁଦି)

22

## 'ଖ' ବିଭାଗ

୨. ତୁମ ଅଞ୍ଚଳରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।

କିମ୍ବା

ତୁମେ ଦେଖିଥିବା ଏକ ମେଳା ବିଷୟରେ ବର୍ଣ୍ଣନା କରି ଅଜାଙ୍କ ନିକଟକୁ ପତ୍ର ଲେଖ । (୫×୧=୫)

## 'ଗ' ବିଭାଗ

୩. କ) ଯୋଗ କର । (୦.୫×୬=୩)

| | |
|---|---|
| ପୋକମରା | ସୁନ୍ଦର |
| ସେନେହମୟୀ | ସୂରୁଯ |
| ସବୁଜ | ମାଆ |
| ବାଲୁତ | ଫଳ |
| ମନଲୋଭା | ଔଷଧ |
| ଜାତିଜାତି | ପୁନେଇଁଜହ୍ନ |
| | ସଡ଼କ |

ଖ) ଯେ କୌଣସି ୩ଟି ଯୋଡ଼ା ଶବ୍ଦ ଲେଖ । (୧×୩=୩)

ଗ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ । (୧×୩=୩)

i) ଯତ୍ନ - ଅଜାତ, ଅଯତ୍ନ, ଅଜଣା, ଅଚିହ୍ନା

ii) କୃତ୍ରିମ - ପ୍ରକୃତି, ପ୍ରକାର, ପ୍ରାକୃତିକ, ପ୍ରଭେଦ

iii) ବିଷ - ମୃତ, ଅମର, ଅମୃତ, ଅସାର

ଘ) ଏକ ପଦରେ ପ୍ରକାଶ କର । (୧×୨=୨)

i) ଯେଉଁମାନେ ଜଳରେ ବିଚରଣ କରନ୍ତି ।

ii) ଯେଉଁମାନେ ଉଭୟ ଜଳ ଓ ସ୍ଥଳରେ ବିଚରଣ କରନ୍ତି ।

ଙ) ନିମ୍ନ ଲିଖିତ ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ । (୧×୨=୨)

i) କରମ ii) ପରବତ

ଚ) ନିମ୍ନ ଲିଖିତ ଶବ୍ଦଗୁଡ଼ିକର ନୂଆ ରୂପ ଲେଖ । (୧×୨=୨)

i) ସମ୍ବାଦ ii) ବାଷ୍ପ

## 'ଘ' ବିଭାଗ

୪. କ) ଶୂନ୍ୟସ୍ଥାନ ପୂରଣ କର । (୧×୨=୨)

i) ଆମ ରାଜ୍ୟର__________ଠାରେ ଗୋଟିଏ ସଂଗ୍ରହାଳୟ ଅଛି ।

(କଟକ, ସମ୍ବଲପୁର, ବ୍ରହ୍ମପୁର, ଭୁବନେଶ୍ୱର)

ii) ଭିତରକନିକାରେ ଥିବା ହେନ୍ତାଳ ଗଛର __________ କୁ ପିଝ ବୋଲି କହନ୍ତି ।

(ଡାଳ, ପତ୍ର, ଗଣ୍ଡି, ଫୁଲ)

ଖ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ଠିକ୍ ଅର୍ଥ ବାଛି ଲେଖ । (୧×୩=୩)

i) ସୋହାଗ - ଦୁଃଖ, ସୁଖ, ସ୍ନେହ, ହସ

ii) ଆଜ – ଗତକାଲି, ଆସନ୍ତାକାଲି, ତା'ପରଦିନ, ଆଜି

iii) ଜାଡ଼େ – ଖରାରେ, ଶୀତରେ, ବର୍ଷାରେ, ଜଡ଼ରେ

ଗ) ନିମ୍ନରେ ଦିଆଯାଇଥିବା ଯେ କୌଣସି ୩ଟିର ବାକ୍ୟଗଠନ କର । (୧×୩=୩)

ଦୁର୍ଲ୍ଲଭ, ଧୂଳିମାଟି, ସନ୍ତସନ୍ତିଆ, ବାହାନା, ସ୍ନେହଆଦର

ଘ) ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକରୁ ଯେଉଁଠି ଠିକ୍ ତାହା ପାଖରେ (✓) ଚିହ୍ନ ଦିଅ ଓ ଯେଉଁଠି ଭୁଲ୍ ତାହା ପାଖରେ (×) ଚିହ୍ନ ଦିଅ । (୧×୩=୩)

i) ପଳାଶ ଫୁଲର ଭଲ ବାସ୍ନା ଥାଏ ।

ii) ଆମେ ସମସ୍ତେ ପର ପାଇଁ କାମ କରିବା ଉଚିତ ।

iii) ଝରଣାଟିଏ ଶୀତଳ ମଧୁର ଜଳ ଦାନ କରେ ।

ଙ) ନିମ୍ନ ଲିଖିତ ପଦ୍ୟାଂଶଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (୧×୩=୩)

ଏତେ ବଡ଼ ଜୀବ ହାତୀଟିଏ ମୋତେ
ନ କରିଲେ ପଛେ ନାହିଁ
ଛୋଟ ହେଲେ ହେଉ ମହୁମାଛିଟିଏ
କରିଦିଅ ମୋତେ ସାଇଁ ।
ଫୁଲ ପାଶେ ଯାଇ ଗୁଣୁ ଗୁଣୁ ଗାଇ
ଆହରି ଆଣେ ମୁଁ ମଧୁ
ପରହିତ ଲାଗି ବିତରି ତାହାକୁ
ଜଗତକୁ କରେ ବନ୍ଧୁ ।

i) ପଦ୍ୟାଂଶରେ ବଡ଼ ଜୀବ ବୋଲି କାହାକୁ କୁହାଯାଇଛି ?

ii) ଫୁଲ ପାଖକୁ ଯାଇ ମହୁମାଛିଟି କ'ଣ ସଂଗ୍ରହ କରିଥାଏ ?

iii) ଉପରୋକ୍ତ ପଦ୍ୟାଂଶଟି କେଉଁ କବିଙ୍କ ଦ୍ୱାରା ଲିଖିତ ?

୫. କ) ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେ କୌଣସି ୪ଟି ପ୍ରଶ୍ନର ଉତ୍ତର ଲେଖ । (୨×୪=୮)

i) କୌଣସି ଜିନିଷକୁ ସାଇତି ରଖିଲେ ଆମର କି ଉପକାର ହୁଏ ?

ii) ଶୁଆଶାରୀ ଦୁହେଁ ଆନନ୍ଦରେ ଉଡ଼ିଗଲେ କାହିଁକି ?

iii) ପରିଶ୍ରମ କରିବା ଦ୍ୱାରା ଅଜାଙ୍କର କି ଉପକାର ହେଉଥିଲା ?

iv) କବି ଝଙ୍କାଳିଆ ବରଗଛ ନ ହୋଇ କେଉଁ ଗଛ ହେବାକୁ ଚାହିଁଛନ୍ତି ?

v) ଭିତରକନିକା ଲୁଣାଜଙ୍ଗଲ କି ଉପକାରରେ ଆସେ ?

vi) ମାଟିକୁ ମାଆ ବୋଲି କବି କାହିଁକି କହିଛନ୍ତି ?

ଖ) ନିମ୍ନରେ ଦିଆଯାଇଥିବା ଯେ କୌଣସି ଗୋଟିଏ ମୂଲ୍ୟବୋଧଭିତ୍ତିକ ପ୍ରଶ୍ନର ଉତ୍ତର ଲେଖ । (୩ ×୧=୩)

ପଶୁପକ୍ଷୀମାନଙ୍କ ପାଇଁ ଅଭୟାରଣ୍ୟ କାହିଁକି କରାଯାଇଛି ? ଏଥିରୁ ତୁମେ କେଉଁ ଶିକ୍ଷା ଲାଭ କଲ ?

କିମ୍ବା

'ଭଲ କି କରିନି ମୁହିଁ' କବିତାରେ ପିଲାଟି କରିଥିବା ଦୁଇଟି ଭଲ କାମରୁ ତୁମେ କ'ଣ ଶିଖିଲ ?